# aurAkashvani, Sambalpur

# SAMBALPURI NEWS BULLETIN

## 11 August 2025 - 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ-ଉଦ୍ୟୋଗ୍ ସମ୍ମିଳନୀ ଆର୍ଏନ୍ୟୁ/ ସମ୍ବଲପୁର

ଉଦ୍ୟୋଗ୍, ନୂଆଁ ସୃଜନ୍ ଆଉ ଉତ୍ପାଦନ୍ କ୍ଷେତ୍ରେ ଓଡ଼ିଶା ବହୁତ୍ ଆଗାଡ଼େ ରହିଛେ, ରାଜ୍ୟକେ ପୂର୍ବ ଭାରତ୍‌ର ଉଦ୍ୟୋଗ୍ ରାଜଧାନୀ କର୍‌ବାର୍ ଦିଗେ ମିଶିକରି କାମ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆହ୍ୱାନ୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ଠାନେ ହେଇଥିବା ଉଦ୍ୟୋଗ୍ ଆଉ ଏ.ଆଇ. ସମ୍ମିଳନୀରେ ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଏ.ଆଇ. ଗବେଷଣା ଦିଗେ ଓଡ଼ିଶା ନେତୃତ୍ୱ ନେବାର୍‌କେ ତୟାର୍ ଅଛେ । ବିଶ୍ୱ ଦକ୍ଷତା କେନ୍ଦ୍ର ଲାଗି ରାଜ୍ୟ କେନ୍ଦ୍ରସ୍ଥଲ୍ ହେବା । ଯୁଆନ୍ ପିଢ଼ିକେ ସଶକ୍ତ କର୍‌ବାର୍ ସର୍‌କାର୍‌ଙ୍କର୍ ମୁଖ୍ୟ ଲକ୍ଷ୍ୟ ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସମ୍ମେଳନ୍‌ରେ ଦେଶ୍ ବିଦେଶ୍‌ନୁ ବହୁତ୍ ଉଦ୍ୟୋଗୀ, ନୀତି ନିର୍ଦ୍ଧାରକ, ସୃଜନଶୀଲ୍ ବ୍ୟକ୍ତିବିଶେଷ୍ ଯୋଗ୍ ଦେଇଥିଲେ ।

ମୁଖ୍ୟ ଶାସନ୍ ସଚିବ -କର୍ମଯୋଗୀ I&PR

ଜନଜାତି ମାନ୍‌କର୍ ଲାଗି ଥିବା କଲ୍ୟାଣ୍‌କାରୀ ଯୋଜ୍‌ନା ଆଉ କାର୍ଯ୍ୟକ୍ରମ୍‌ମାନ୍‌କୁ ତଲ୍‌ସ୍ତର୍ ନ ଅଏତ୍‌କା ପ୍ରଭାବିତ୍ କର୍‌ବାର୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ନିଆଯାଇଥିବା ଆଦି କର୍ମଯୋଗୀ ଅଭିଯାନ୍‌ର କାମ୍‌କାଜ୍ ସମୀକ୍ଷା ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ହେଇଯାଇଥିବା । ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି କର୍ମଯୋଗୀ ଯୋଜ୍‌ନାର୍ କାର୍ଯ୍ୟକାରିତାକେ ନେଇକରି ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ବିଭାଗ୍ ଭିତ୍‌ରେ ତାଲ୍‌ମେଲ୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ଯୋଜ୍‌ନାର୍ କାର୍ଯ୍ୟକାରିତାକେ ନେଇକରି ବ୍ୟାପକ୍ ପ୍ରଶିକ୍ଷଣ୍ ଆଉ ଜନସଚେତନତା କରାଯିବାର୍ ସହେତେ ତଲ୍‌ସ୍ତର୍‌ନୁ ଜନଜାତି ସମ୍ପ୍ରଦାୟର୍ ଲୁକ୍‌କୁ ସଶକ୍ତ କର୍‌ବାର୍ ବିଷେଥି ଆଲୋଚନା କରାଯାଇଥିଲା । ବ୍ଲକ୍‌ର ମାଷ୍ଟର୍ ଟ୍ରେନର୍ ମାନେ ଜନଜାତି ଗାଁ ମାନ୍‌କର୍ ସର୍‌କାରୀ କର୍ମଚାରୀ, ଜନପ୍ରତିନିଧି, ସ୍ୱେଚ୍ଛାସେବୀମାନ୍‌କୁ ତାଲିମ୍ ଦେଇକରି ଗୁଟେ କେଡ଼ର୍ ଗଠନ୍ କର୍‌ବେ, ଯେନ୍‌ମାନେକି ସେ ଇଲାକାର୍ ବିକାଶ୍ ଲାଗି ମୁଖିଆ ଭୂମିକା ନେବେ ବଲି ନିଷ୍ପତି ନିଆଯାଇଛେ ।

ଉପମୁଖ୍ୟମନ୍ତ୍ରୀ     ନୂଆପଡ଼ା ସମ୍ବାଦଦାତା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ୨ ଦିନିଆ ନୂଆପଡ଼ା ଗସ୍ତଥି ଆସିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇଛନ୍ । ଗଲାକାଏଲ୍ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମିଶନ୍ ଶକ୍ତି କେଫେ ଉଦ୍‌ଘାଟନ୍ କର୍‌ବାର୍ ସହେତେ ସର୍କିଟ୍ ହାଉସ୍ ଠାନେ ହେଇଥିବା ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇଛନ୍ । ଇତାର୍‌ଛଡ଼ା ଗୁଟେ ତ୍ରିରଙ୍ଗା ଶୋଭାଯାତ୍ରାଥି ସାମିଲ୍ ହେଇଛନ୍ । ଇ ଅବ୍‌ସରେ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକଙ୍କର୍ ସହେତେ ଦଲୀୟ ନେତା ଆଉ କର୍ମୀମାନେ ଉପମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ୍ କରିଥିଲେ ।

ଛାତ୍ରଛାତ୍ରୀ, ଶିକ୍ଷକ୍ ଅନୁପାତ୍ ତଥ୍ୟ ଦାଖଲ/ଆର୍‌ଏନ୍‌ୟୁ ସମ୍ବଲପୁର

ରାଜ୍ୟର୍ ସବୁ ବିଦ୍ୟାଳୟ ନ ଗଲା ୧ ତାରିଖ୍‌ତକ୍ ଛାତ୍ରଛାତ୍ରୀ, ଶିକ୍ଷକ୍ ଅନୁପାତ୍ ତଥ୍ୟ ଦାଖଲ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କୁ ହାଇକୋର୍ଟ ନିର୍ଦ୍ଦେଶ୍ ଦେଇଛନ୍ । ରାଏଜେ କେତେ ଶିକ୍ଷକ୍ ପଦ୍‌ବୀ ଖାଲି ରହିଛେ ଆଉ ଇତାକେ ପୂରଣ୍ କର୍‌ବାର୍ ଲାଗି ସର୍‌କାର୍ କେନ୍ ହିସାବେ ପଦକ୍ଷେପ୍ ନେଇଛନ୍ ସେ ବାବ୍‌ଦେ ତଥ୍ୟ ଦାଖଲ୍ କର୍‌ବାର୍‌କେ ହାଇକୋର୍ଟ କହିଛନ୍ । ଇ ବାବଦ୍ ଗୁଟେ ମାମ୍‌ଲାର୍ ଶୁଣାଣି କରିକରି

ଜଷ୍ଟିସ୍ ଦିକ୍ଷିତ କ୍ରିଷ୍ଣା ଶ୍ରୀପଦ୍‌ଙ୍କର୍ ପୀଠ ଇ ନିର୍ଦ୍ଦେଶ୍ ଦେଇଥିବାର୍ ଜନାପଡ଼ିଛେ ।

ସିବିଏସ୍‌ଇ-୯ କ୍ଲାସ୍ ପରୀକ୍ଷା ଢାଂଚା ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ୍ - ସିବିଏସ୍‌ଇ ପରିଚାଳିତ୍ ସ୍କୁଲ୍‌ମାନ୍‌କେ ୯ କ୍ଲାସ୍ ପରୀକ୍ଷା ଢାଂଚାଥି ପରିବର୍ତନ୍ କରାଯିବା । ଛାତ୍ରଛାତ୍ରୀମାନେ ଏତ୍‌କର ବହି ଦେଖିକରି ପରୀକ୍ଷା ଦେବେ । ୨୦୨୬ -୨୭ ଶିକ୍ଷା ବଛର୍‌ନୁ ଇଟାକେ ପାଇଲଟ୍ ମୋଡ୍‌ଥି କାର୍ଯ୍ୟକାରୀ କରାଯିବା ବଲି ବୋର୍ଡ୍ ତର୍‌ଫୁ କୁହାଯାଇଛେ । ଜାତୀୟ ଶିକ୍ଷାନୀତି ୨୦୨୦ ଆଧାର୍‌ଥି ତିଆର୍ ହେଇଥିବା ନେସ୍‌ନାଲ୍ କରିକୁଲମ୍ ଫ୍ରେମ୍‌ୱାର୍କ ଫର୍ ସ୍କୁଲ୍ ଏଜୁକେସନ୍‌କେ ଜୋର୍ ଦେଇକରି ଇ ପଦକ୍ଷେପ୍ ନିଆଯାଇଛେ । ଛୁଆମାନେ ପରୀକ୍ଷା ଦେବାର୍ ସମିଆଥି ପଢ଼ାବହିକେ ବେଭାର୍ କର୍‌ବାର୍ ଲାଗି ଇଥି ସୁଯୋଗ୍ ଦିଆଯିବା ।

ଦୌଡ଼କୁଦ ପ୍ରତିଯୋଗିତା I&PR

ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ବିଶ୍ୱ ଏଥ୍‌ଲେଟିକ୍ କଂଟିନେଂଟାଲ୍ ଟୁର୍ ବ୍ରୋଞ୍ଜ୍ ପ୍ରତିଯୋଗିତାଥି ଭାରତ୍‌ର

ନାଁକରା ଧାବକ ଓଡ଼ିଆ ଖେଲାଲି ଅନିମେଷ୍ କୁଜୁର୍ ୨ ଶହ ମିଟର୍ ଦୌଡ଼ଥି ସ୍ୱର୍ଣ୍ଣପଦକ୍ ଜିତିକରି ଟୋକିଓ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନ୍ସିପ୍ ଲାଗି ଯୋଗ୍ୟତା ହାସଲ୍ କରିଛନ୍ । ଇତାର୍ସହେତେ ମହିଳା ଶହେ ମିଟର୍ ହଡଲ୍ସ ଦୌଡ଼ଥି  ଓଡ଼ିଶାର୍ ପ୍ରଜ୍ଞା ପ୍ରଶାନ୍ତି ସାହୁ ସ୍ୱର୍ଣ୍ଣପଦକ୍ ଜିତିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସମାରୋହଥି ଯୋଗ୍ ଦେଇକରି କୃତି ଖେଲାଲିମାନ୍କୁ ପୁରସ୍କୃତ୍ କରିଥିଲେ । ଇ ଅବ୍ସରେ ଯୋଗ୍ ଦେଇକରି ଭୁବ୍ନେଶ୍ୱର୍ ଠାନେ ବିଶ୍ୱସ୍ତରୀୟ ଷ୍ଟାଡ଼ିୟମ୍ ନିର୍ମାଣ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ଘୋଷ୍ନା କରିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ହର୍ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ                ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ସଂଗ୍ରହାଳୟ ଠାନେ ହର୍ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍ସରେ ଗୁଟେ ରଙ୍ଗୋଲି ପ୍ରତିଯୋଗିତା ହେଇଥିଲା । ପ୍ରତିଯୋଗିତାଥି ଭିନ୍ ଭିନ୍ ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନେ ଯୋଗ୍ ଦେଇକରି ତ୍ରିରଙ୍ଗା ରଙ୍ଗୋଲି ବନାବାର୍ ସହେତେ ଦେଶ୍ପ୍ରେମ୍କେ ନେଇକରି ସଚେତନ୍ତା ବାର୍ତା ଦେଇଥିଲେ ।

ପାଣିପାଗ                ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ବୁଧବାର୍ ଦିନ ଉତର୍ ପର୍ଷ୍ଚିମ୍ ଆର୍ ତାର୍ ପାଖର୍ ପର୍ଷ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍ ସାଗର୍ ନ ଗୁଟେ ଲଘୁଚାପ୍ କ୍ଷେତ୍ର ବନ୍‌ବାର୍ ସମ୍ଭାବନା ରହିଛେ । ସମ୍ଭାବ୍ୟ ଲଘୁଚାପ୍ ପ୍ରଭାବ୍‌ଥି ଆଏବା କାଏଲ୍‌ଠାନୁ ୩ ଦିନ୍ ଧରିକରି ଦକ୍ଷିଣ୍ ଓଡ଼ିଶାର୍ ବଡ଼୍‌ଭାଗୀ ଜାଗା ନ ଅତି ଜବର୍ ବର୍ଷା ହେଇପାରେ । ସମୁଦ୍ର ଖଁଡ଼ି ଆଉ ପର୍ଷ୍ଚିମ ଓଡ଼ିଶାର୍ ଜିଲ୍ଲାମାନ୍‌କେ ଭିଲ୍ ଘଡ଼୍‌ଘଡ଼ି ସହେତେ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।